# REGIONAL NEWS UNIT, AIR CUTTACK

## Evening Bulletin (6.45PM)

**14 February - 2026**

*********************************

## ମୁଖ୍ୟ ସମ୍ବାଦ

- କେନ୍ଦ୍ର କ୍ୟାବିନେଟ୍ ବୈଠକରେ ସହରାଞ୍ଚଳ ମୁକାବିଲା ପାଣି ପାଇଁ ୧ ଲକ୍ଷ କୋଟି ଟଙ୍କା ମଞ୍ଜୁର
- ମୁଖ୍ୟମନ୍ତ୍ରଙ୍କ ଅଧ୍ୟକ୍ଷତାରେ ଆଉ କିଛି ସମୟ ମଧ୍ୟରେ ଅନୁଷ୍ଠିତ ହେବ ରାଜ୍ୟ କ୍ୟାବିନେଟ୍ ବୈଠକ
- ରାଜ୍ୟକୁ ବିବିଧ ଶିଳ୍ପ କ୍ଷେତ୍ରରେ ସମୃଦ୍ଧ କରିବା ପାଇଁ ସରକାର ସଂକଳ୍ପବଦ୍ଧ; କହିଲେ ମୁଖ୍ୟମନ୍ତ୍ରୀ

ଏବଂ

- ଭୁବନେଶ୍ୱରରେ ଆରମ୍ଭ ହେଲା ୨୦ତମ ତୋଷାଳୀ ସ୍ୱଦେଶୀ ମେଳା

Desk

# କ୍ୟାବିନେଟ୍ ବ୍ରିଫିଙ୍ଗ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ୧ ଲକ୍ଷ କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ସହିତ ସହରାଞ୍ଚଳ ମୁକାବିଲା ପାଣ୍ଠି ଆରମ୍ଭ କରିବାକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ସହରାଞ୍ଚଳ କ୍ଷେତ୍ରରେ ମୋଟ୍ ୪ ଲକ୍ଷ କୋଟି ଟଙ୍କାର ନିବେଶ କରାଯିବ । ସ୍ଥାୟୀ, ଉତ୍ପାଦକ ସମ୍ପନ୍ନ, ସମାବେଶୀ ଏବଂ ଜଳବାୟୁ ପ୍ରତିକ୍ରିୟାଶୀଳ ସହର ନିର୍ମାଣ କରିବା ଏହି ପାଣ୍ଠିର ମୁଖ୍ୟ ଉଦ୍ଦେଶ୍ୟ ।  ଦେଶରେ ବୃଦ୍ଧି ପାଉଥିବା ଷ୍ଟାର୍ଟଅପ୍ ଇକୋସିଷ୍ଟମ୍‌କୁ ପ୍ରୋତ୍ସାହନ କରିବା ଲକ୍ଷ୍ୟ ନେଇ କେନ୍ଦ୍ର କ୍ୟାବିନେଟ୍ ନିଶ୍ଚିତ ଲାଭଯୁକ୍ତ ବ୍ୟାବସାୟିକ ନିବେଶ ପାଣ୍ଠି ସଂଗ୍ରହ କରିବା ପଦକ୍ଷେପକୁ ମଞ୍ଜୁରୀ ପ୍ରଦାନ କରିଛି । ଏଥିପାଇଁ ୧୦ ହଜାର କୋଟି ଟଙ୍କାର ମୋଟ୍ କର୍ପସ୍ ପାଣ୍ଠି ସହିତ ଷ୍ଟାର୍ଟଅପ୍ ଇଣ୍ଡିଆ 'ଫଣ୍ଡ ଅଫ୍ ଫଣ୍ଡ' ଦ୍ୱିତୀୟ ପର୍ଯ୍ୟାୟକୁ ଅନୁମୋଦନ କରାଯାଇଛି ।  ଏଣିକି କ୍ୟାବିନେଟ୍ ବୈଠକ ଗୁଡ଼ିକ ସେବାତୀର୍ଥଠାରେ ଅନୁଷ୍ଠିତ ହେବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

BBSR/R

# କ୍ୟାବିନେଟ୍

ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ସନ୍ଧ୍ୟାରେ ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀଙ୍କ

ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ମିଳିବାର ସମ୍ଭାବନା ରହିଛି। ଏହା ପୂର୍ବରୁ ମନ୍ତ୍ରୀ ପରିଷଦ ବୈଠକ ହେବ। ଏହି ବୈଠକରେ ୨୦୨୬-୨୭ ବର୍ଷର ବଜେଟ୍ ଚିଠା ପ୍ରସ୍ତାବକୁ ମଞ୍ଜୁରୀ ମିଳିବା ନେଇ ଆମ ସମ୍ବାଦଦାତା ଜଣାଇଛନ୍ତି।

Keonjhar

## ମୁଖ୍ୟମନ୍ତ୍ରୀ- କେନ୍ଦୁଝର ଗସ୍ତ

ରାଜ୍ୟକୁ ବିବିଧ ଶିଳ୍ପ କ୍ଷେତ୍ରରେ ସମୃଦ୍ଧ କରିବା ପାଇଁ ସରକାର ସଂକଳ୍ପବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। କେନ୍ଦୁଝର ଜିଲ୍ଲାର ବଳଭଦ୍ରପୁରଠାରେ ଆଜି ମୁଖ୍ୟମନ୍ତ୍ରୀ ୧୦୦ କୋଟି ଟଙ୍କାର ଟେକ୍ସଟାଇଲ୍ ପାର୍କ ଏବଂ ୧୮୭ କୋଟି ଟଙ୍କାର ବିପର୍ଯ୍ୟୟ ପୁନରୁଦ୍ଧାର ଓ ଡାଟାସେଣ୍ଟରର ଶିଳାନ୍ୟାସ କରିଛନ୍ତି। ଶ୍ରୀ ମାଝୀ ଏହି ଅବସରେ କହିଛନ୍ତି, ଟେକ୍ସଟାଇଲ ପାର୍କରେ ପ୍ରାୟ ୧୨ ଶହରୁ ଉର୍ଦ୍ଧ୍ୱ ଯୁବକ ଯୁବତୀ ନିଯୁକ୍ତି ସୁଯୋଗ ପାଇପାରିବେ।  ଶିଳ୍ପ ହେଉଛି ସମୃଦ୍ଧିର ସ୍ତମ୍ଭ। ବିଶେଷ କରି ବୟନ କ୍ଷେତ୍ର ମହିଳା ଏବଂ ଯୁବକମାନଙ୍କ ପାଇଁ ବଡ଼ଧରଣର ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବ। ଆଧୁନିକ ଭିତ୍ତିଭୂମି ଲଜିଷ୍ଟିକ୍ ସହାୟତା ସହ ହିଣ୍ଡାଲକୋ ୭ ଏକର ଜମିରେ ଏକ ପୋଷାକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଏଥିରୁ ବାର୍ଷିକ ୨୪ ଲକ୍ଷ ପୋଷାକ ଉତ୍ପାଦନ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

Jajpur

## ମୁଖ୍ୟମନ୍ତ୍ରୀ– ପ୍ଲାଟିନିୟମ ଜୁବଲୀ

ଶିକ୍ଷାର ଉଦ୍ଦେଶ୍ୟ କେବଳ ଚାକିରି କରିବା ନୁହେଁ ବରଂ ସଂସ୍କାର ଦେବା ସହ ସ୍ୱାବଲମ୍ବୀ କରିବା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଯାଜପୁର ଜିଲ୍ଲା ବ୍ୟାସନଗର ପିଏମ୍ଶ୍ରୀ ନରସିଂହ ଉଚ୍ଚବିଦ୍ୟାଳୟର ପ୍ଲାଟିନମ ଜୁବ୍ଲୀ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ମାଝୀ' ମାତୃଭାଷାରେ ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ ଜିଲ୍ଲାର ସାଂସଦଙ୍କ ସହ ବିଧାୟକମାନେ ଯୋଗ ଦେଇଥିଲେ।

Puri

## ଉପମୁଖ୍ୟମନ୍ତ୍ରୀ– ପ୍ରକଳ୍ପ ଶିଳାନ୍ୟାସ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ନିମାପଡ଼ାଠାରେ ୧୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବିନିମୟରେ ହେବାକୁ ଥିବା ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପଗୁଡ଼ିକର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ନିମାପଡ଼ାର ତଳଅଣ୍ଡିଆଠାରେ ପଥପ୍ରାନ୍ତ ସୁବିଧା କେନ୍ଦ୍ର, ରଙ୍ଗମଠ ଓ ଚଅଁରପଦା ମାଇନର କେନାଲର ଉନ୍ନତିକରଣ, ହଁସପଡ଼ା ଉପସ୍ୱାସ୍ଥ୍ୟ କେନ୍ଦ୍ରର ଉନ୍ନତିକରଣ କାର୍ଯ୍ୟର ଶ୍ରୀମତୀ ପରିଡ଼ା ଶୁଭାରମ୍ଭ କରିଛନ୍ତି।

I&PR

## ଉଚ୍ଚସ୍ତରୀୟ ବୈଠକ

ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ଆଜି ବିଭାଗର ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ

ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ଆଲୋଚନା ହୋଇଥିଲା। 'ବିକଶିତ ଗାଁ, ବିକଶିତ ଓଡ଼ିଶା', ଅନ୍ତ୍ୟୋଦୟ ଗୃହ ଯୋଜନା ଏବଂ ଗ୍ରାମୀଣ ସଂଯୋଗୀକରଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ।

Ganjam

## ବିଜ୍ଞପିତ ଅଞ୍ଚଳ ପରିଷଦ

ଗଞ୍ଜାମ ଜିଲ୍ଲାର ନୂତନ ଭାବେ ଘୋଷିତ ୫ଟି ମ୍ୟୁନ୍‌ସିପାଲିଟି ଓ ଦୁଇଟି ବିଜ୍ଞପିତ ଅଞ୍ଚଳ ପରିଷଦର ୱାର୍ଡ ପୁର୍ନଗଠନ ଏବଂ ୱାର୍ଡ ସଂରକ୍ଷଣ ପାଇଁ ଚିଠା ବିଜ୍ଞପ୍ତି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରକାଶ ପାଇଛି। ଆସନ୍ତା ୨୧ ତାରିଖ ସୁଦ୍ଧା ଏଥିନିମନ୍ତେ ମତାମତ, ଆପତ୍ତି ଆହ୍ୱାନ କରାଯାଇଛି। ଆସନ୍ତା ୨୬ ତାରିଖରେ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଇବ।

BBSR/R

## ତୋଷାଳି ମେଳା

ଭୁବନେଶ୍ୱର ଜନତା ମଇଦାନଠାରେ ଆଜିଠାରୁ ୨୦ତମ ତୋଷାଳି ସ୍ୱଦେଶୀ ମେଳା ଆରମ୍ଭ ହେଉଛି। ସନ୍ଧ୍ୟାରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିବେ। ଚଳିତବର୍ଷ ମେଳାର ବିଷୟବସ୍ତୁ ରହିଛି, 'ସ୍ୱଦେଶୀ ଓ ଆତ୍ମନିର୍ଭର ଭାରତ'। ଓଡ଼ିଶା ସମେତ ଦେଶର ୨୦ଟି ରାଜ୍ୟର କାରିଗର, ବୁଣାକାରମାନେ ମେଳାରେ ଅଂଶଗ୍ରହଣ କରି ସେମାନଙ୍କ ଉତ୍ପାଦ ପ୍ରଦର୍ଶିତ କରୁଛନ୍ତି।

Boudh/Nuapada(2)/Nayagarh(2)/Boudh(2)/Jharsugua(2)/Rayaagada/

# ଖବର ସଂକ୍ଷିପ୍ତରେ...

ନୂଆପଡ଼ା ଜିଲ୍ଲାରେ ଏକଲବ୍ୟ ମଡେଲ ଆବାସିକ ସ୍କୁଲ ପରିଚାଳନା ନେଇ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଜିଲ୍ଲାପାଳ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି ।

...........

ନୂଆପଡ଼ା ଜିଲ୍ଲା ବୋଡେନ ବ୍ଲକ ଧୋବେଇ ଏସ୍.ଏସ.ଡି ହାଇସ୍କୁଲର ୭୬ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି ।

...........

ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ପ୍ରଶାସନ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

...........

ବୌଦ୍ଧ ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟଠାରେ ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ନେଇ ଶିକ୍ଷା ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି ।

...........

ରାୟଗଡ଼ା ଜିଲ୍ଲାର ଗ୍ରାମାଞ୍ଚଳ ଓ ଆଦିବାସୀ ଯୁବତୀମାନଙ୍କୁ ସଶକ୍ତ କରିବା ଲକ୍ଷ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ଯୁବ ସମ୍ବଳ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି ।

...........

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରାଷ୍ଟ୍ରୀୟ ପେନସନ୍ ଯୋଜନା ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି ।

...........

ନୟାଗଡ଼ ମଡେଲ ଡିଗ୍ରୀ କଲେଜରେ ଛାତ୍ରୀଙ୍କ ପାଇଁ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି ।

...........

ନୟାଗଡ଼ ଜିଲ୍ଲା ବନାଞ୍ଚଳରେ ବନାଗ୍ନି ନିରାକରଣ ପାଇଁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି ।

...........

ଝାରସୁଗୁଡ଼ା ଜିଲ୍ଲା ଡି.ଏମ୍.ଏଫ୍. ପ୍ରେକ୍ଷାଳୟ ପରିସରରେ ଅଟଳ ବୟୋ ଅଭିଦ୍ୟୁୟ ଯୋଜନା ସମ୍ପର୍କରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି ।

...........

ଝାରସୁଗୁଡ଼ା ଜିଲ୍ଲାପାଳ ଚୌହ୍ୱାନ କୁନାଲ ମୋତିରାମଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ଯୋଜନାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।

Deogarh

## କର୍ମଶାଳା

ଭାରତ ସରକାରଙ୍କ ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଦେବଗଡ଼ ଜିଲ୍ଲା ଆଡ଼ସ ଗ୍ରାମ ପଞ୍ଚାୟତରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।

Puri

## ଶିବରାତ୍ରୀ

ମହାଶିବରାତ୍ରୀ ଅବସରରେ ଆସନ୍ତାକାଲି ପୁରୀ ଶ୍ରୀ ଶ୍ରୀ ଲୋକନାଥ ଦେବଙ୍କ ପୀଠରେ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ ପକ୍ଷରୁ ନୀତିନିର୍ଘଣ୍ଟ ସ୍ଥିର କରାଯାଇଛି । ବିଳମ୍ବିତ ରାତିରୁ ଦ୍ୱାର ଫିଟାଯିବା ପରେ ମଙ୍ଗଳ ଆଳତି, ମଇଲମ, ଅବକାଶ ଆଦି ଦୈନନ୍ଦୀନ ନୀତିକାନ୍ତି ଶେଷ କରାଯାଇ ଭୋର୍ ୩ଟାରୁ ଶ୍ରୀ ଶ୍ରୀ ଲୋକନାଥଦେବଙ୍କ ସର୍ବସାଧାରଣ ଦର୍ଶନ ଆରମ୍ଭ କରାଯିବ । ଆସନ୍ତାକାଲି ରାତ୍ରରୁ ହରିହର ଭେଟ ପରେ ଲୋକଙ୍କନାଥଙ୍କ ମନ୍ଦିର ଚୂଡ଼ାରେ ମହାଦ୍ୱୀପ ଉଠାଯିବ ।

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରୀ ନୀତି ନିର୍ଘଣ୍ଟରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି । ମହାଦୀପ ରାତି ୧୦ଟାରେ ଉଠିବା ପରେ ୪ ପ୍ରହର ପୂଜା, ହରିହର ଭେଟ, ବଡ଼ସିଂହାର ଓ ପହୁଡ ସୋମବାର ଭୋର ସାଢ଼େ ୫ଟାରେ ସମ୍ପନ୍ନ ହେବ । ଏ ନେଇ ମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବିଜ୍ଞପ୍ତି ପ୍ରକାଶ କରାଯାଇଛି ।